# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08 February – 2026

**********************************

## ମୁଖ୍ୟ ସମ୍ବାଦ

- ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣର ଦ୍ୱିତୀୟ ଭାଗରେ ଆସନ୍ତାକାଲି ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ
- ଶିକ୍ଷା, ବ୍ୟକ୍ତିତ୍ୱ ନିର୍ମାଣ ଓ ଭବିଷ୍ୟତ ଗଠନକୁ ପ୍ରାଥମିକତା ଦେଇ ବାଲ୍ୟ ବିବାହ ବନ୍ଦ କରିବାକୁ ବାଚସ୍ପତିଙ୍କ ଆହ୍ୱାନ
- କଟକଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ

ଏବଂ

- ବଲାଙ୍ଗିର ଜିଲ୍ଲା କୁଶଙ୍ଗଠାରେ ରାଜ୍ୟର ପ୍ରଥମ ବିଧାୟକ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

— କଟକ ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହେଲା ୫୧ତମ ରାଜ୍ୟ ଅବକାରୀ କ୍ରୀଡା ସମାରୋହ

## ପରୀକ୍ଷା ପେ ଚର୍ଚ୍ଚା-ପ୍ରଧାନମନ୍ତ୍ରୀ

'ପରୀକ୍ଷା ପେ' ଚର୍ଚ୍ଚା'ର ନବମ ସଂସ୍କରଣର ଦ୍ୱିତୀୟ ଭାଗରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବେ। ପରୀକ୍ଷାକୁ ନେଇ ରହୁଥିବା ଚାପ ହ୍ରାସ କରିବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ। ପ୍ରଥମ ଭାଗରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ କରି କହିଥିଲେ, ପରୀକ୍ଷାକୁ ଏକ ଉତ୍ସବ ଓ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ଉଚିତ। ସଫଳତା ପାଇଁ ଜୀବନ ଓ ବୃତ୍ତିଗତ କୌଶଳର ଆବଶ୍ୟକତା ରହିଛି ବୋଲି ଶ୍ରୀ ମୋଦୀ କହିଥିଲେ।

**- V/O -**

ପ୍ରଧାନମନ୍ତ୍ରୀ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ 'ମାଇ ଗଭ୍' ପୋର୍ଟାଲରେ ସାରା ଦେଶରୁ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ପଞ୍ଜୀକରଣ କରିଛନ୍ତି।

ଆସନ୍ତାକାଲି ଏହି କାର୍ଯ୍ୟକ୍ରମକୁ ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ, ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସିଧାସଳଖ ପ୍ରସାରଣ କରାଯିବ। ଏଥିସହ ୱେଭ୍‌ସ ଓଟିଟି, ଆମାଜନ୍ ପ୍ରାଇମ ଭିଡିଓ, ଜିଓ, ଜି-ଫାଇଭ୍, ସୋନି ଲାଇଭ୍ ଏବଂ ସ୍ୱଟିପାଏ ଆଦି ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ମଧ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଉପଲବ୍ଧ ହେବ।

## ସୁରମା ପାଢ଼ୀ

ଶିକ୍ଷା, ବ୍ୟକ୍ତିତ୍ୱ ନିର୍ମାଣ ଓ ଭବିଷ୍ୟତ ଗଠନକୁ ପ୍ରାଥମିକତା ଦେଇ ବାଲ୍ୟବିବାହକୁ ବନ୍ଦ କରିବା ପାଇଁ ସମାଜର ପ୍ରତିଟି ବର୍ଗ ଦାୟିତ୍ୱ ସମ୍ପାଦନ

କରିବା ନିମନ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଭୁବନେଶ୍ୱରଠାରେ ଶିକ୍ଷାଧାରାରେ ସାମିଲ ହେବା ଓ ବାଲ୍ୟବିବାହକୁ ବନ୍ଦ କରିବା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପାଢ଼ୀ କହିଛନ୍ତି, ବାଲ୍ୟବିବାହ ଏକ କୁପ୍ରଥା ଏବଂ ଅପ୍ରାପ୍ତ ବୟସରେ ଅନେକ ବାଳକ ଓ ବାଳିକା ଏହାର ଶିକାର ହୋଇଥାନ୍ତି। ଏହି ଅବସରରେ ବାଚସ୍ପତି ବାଲ୍ୟବିବାହମୁକ୍ତ ଭାରତ ରଥକୁ ଶୁଭାରମ୍ଭ କରିବା ସହ ଶପଥପାଠ କରାଇଥିଲେ।

## ନିତ୍ୟାନନ୍ଦ ଗଣ୍ଡ

ସମର୍ପିତ ଭାବନା, ସକାରାତ୍ମକ ଚିନ୍ତାଧାରା ଓ ସମସ୍ତଙ୍କ ପ୍ରୟାସ ମାଧ୍ୟମରେ ଗଣ୍ଡ ସମାଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଭୁବନେଶ୍ୱର ଶିଳ୍ପଦ୍ୟୋଗୀ ବିକାଶ ପ୍ରତିଷ୍ଠାନରେ ଗଣ୍ଡ ସାଂସ୍କୃତିକ ସମାଜ ଓଡ଼ିଶା ପକ୍ଷରୁ ଆୟୋଜିତ ବାର୍ଷିକ ସାଧାରଣ ସଭାରେ ଯୋଗଦେଇ ଶ୍ରୀ ଗଣ୍ଡ କହିଛନ୍ତି, ସମାଜକୁ ସଂଗଠିତ କରିବା, ଏକତାକୁ ସୁଦୃଢ଼ କରିବା ସହ ବିକାଶ ପଥରେ ସକ୍ରିୟ ସହଭାଗିତା ଆବଶ୍ୟକ।

## ଆୟକର ଆଇନ୍

ଆୟକର ଆଇନ୍ ୨୦୨୫ ଅନ୍ତର୍ଗତ ପ୍ରସ୍ତାବିତ ନିୟମାବଳୀ ଏବଂ ଏ ସଂକ୍ରାନ୍ତ ଫର୍ମଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କଠାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ମତାମତ ଆହ୍ୱାନ କରିଛି। ପ୍ରସ୍ତାବିତ ନିୟମାବଳୀ ଏବଂ ଫର୍ମଗୁଡ଼ିକ ସମ୍ପର୍କରେ ସବିଶେଷ ତଥ୍ୟ ଆୟକର ବିଭାଗର ୱେବ୍‌ସାଇଟ୍,

**incometaxindia.gov.in**ରେ ଉପଲବ୍ଧ ରହିଛି। ମତାମତ ଉପରେ ବିଚାରବିମର୍ଶ ପରେ ଅର୍ଥ ମନ୍ତ୍ରଣାଳୟ ତରଫରୁ ସଂଶୋଧିତ ନିୟମାବଳୀ ପ୍ରକାଶ ପାଇବ। ଗତବର୍ଷ ଅଗଷ୍ଟ ମାସରେ ଆୟକର ଆଇନ୍-୨୦୨୫ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ଆସନ୍ତା ଏପ୍ରିଲ ମାସ ପହିଲାରୁ ଏହି ଆଇନ୍ କାର୍ଯ୍ୟକାରୀ ହେବ।

## ଦୁର୍ଘଟଣା

**ଗଞ୍ଜାମ** ଜିଲ୍ଲା ଚିକିଟି ବ୍ଲକ୍‌ର ପାତିସୋନପୁର ଗ୍ରାମର ସ୍ୱାମୀ-ସ୍ତ୍ରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆନ୍ଧ୍ର ଶିକାକୁଲମକୁ ପକ୍ଷାଘାତ ରୋଗୀଙ୍କୁ ଚିକିତ୍ସା ପାଇଁ ନେଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଶ୍ରୀକାକୁଲମ ନନ୍ଦୀ ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିବା ସହିତ ୫ ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

## ପ୍ରଦର୍ଶନ କାର୍ଯ୍ୟକ୍ରମ

ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆଦିବାସୀ କଳା ଓ କଳାବସ୍ତୁକୁ ନେଇ ୧୫ ଦିନିଆ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବିଭିନ୍ନ ଅଂଚଳର ଅଭିଜ୍ଞ ଆଦିବାସୀ କାରିଗରମାନଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିବା। ରାଜ୍ୟର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଜନସାଧାରଣଙ୍କ

ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

## ନିଯୁକ୍ତି ମେଳା

**କଟକ** ଜିଲ୍ଲା ବାଲିଯାତ୍ରା ତଳ ପଡିଆରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ନିଯୁକ୍ତି ମେଳାକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ ଯୋଗଦେଇ ଆଶାୟୀ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ମେଳାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ମେଳାରେ କୃଷି, ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ, ନର୍ସିଂ ଭଳି ୪୦ରୁ ଊର୍ଦ୍ଧ୍ୱ ସଂସ୍ଥା ଯୋଗଦେଇଥିଲେ। ନିଯୁକ୍ତି ପୂର୍ବରୁ ପ୍ରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ତାଲିମ୍ ସମ୍ପୂର୍ଣ୍ଣ ମାଗଣା ହୋଇଥିବାବେଳେ ରାଜ୍ୟ ସରକାର ପ୍ରାର୍ଥୀଙ୍କ ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟର ସମସ୍ତ ଖର୍ଚ୍ଚ ବହନ କରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ନିଯୁକ୍ତି ମେଳାରେ ୧୪ଟି ବ୍ଲକ୍‌ର ୧ ହଜାର ୫୦୦ରୁ ଅଧିକ ନିଯୁକ୍ତି ଆଶାୟୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୨୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ୪୦ ଜଣ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ଦ୍ୱାରା ୯୭୧ ଜଣ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବା ସହ ୩୦୯ ଜଣ ପ୍ରାର୍ଥୀଙ୍କୁ ସ୍ୱଳ୍ପକାଳୀନ ଦକ୍ଷତା ପାଇଁ  ୨୨ଟି ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ସହ ଜଡିତ କରାଯାଇଛି।

## ସଡକ ସୁରକ୍ଷା

**ଗଞ୍ଜାମ** ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସଡକ ସୁରକ୍ଷା ସମ୍ପର୍କିତ ନିୟମ ପାଳନ କରିବା ପାଇଁ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି। ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଗତବର୍ଷ ଜିଲ୍ଲାରେ ୯୨୫ଟି ସଡକ ଦୁର୍ଘଟଣାରେ ୪୬୮ ଜଣଙ୍କ ଜୀବନ ହାନୀ ସହ ୫୧୪ ଜଣ ଆହତ ହୋଇଥିଲେ। ହେଲମେଟ୍ ପିନ୍ଧି ନଥିବାରୁ ୬୦ ପ୍ରତିଶତ ଲୋକଙ୍କ ଜୀବନହାନୀ ଘଟିଥିଲା। ଜିଲ୍ଲାର ଲୋକଙ୍କ କଲ୍ୟାଣ ପାଇଁ ସଡକ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପ୍ରଶାସନର ନୈତିକ ଦାୟିତ୍ୱ। ଗାଡି ଚଳାଇବା ସମୟରେ ହେଲମେଟ୍ ପିନ୍ଧିବା ସହ ସଡକ ସୁରକ୍ଷା ନିୟମକୁ ପାଳନ କରିବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ମାଣ୍ଡିଆ ମଣ୍ଡି

**ବୌଦ୍ଧ** ଜିଲ୍ଲା ମୁଣ୍ଡାପଡାଠାରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କାର୍ଜି ଯୋଗଦେଇ ମଣ୍ଡିର ଉଦ୍‌ଘାଟନ କରିଥିଲେ।

## ଜାତୀୟ ଶିକ୍ଷାନୀତି

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠରେ ଚାଲିଥିବା ଜାତୀୟ ଶିକ୍ଷାନୀତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଶିକ୍ଷକମାନଙ୍କୁ ନୂତନ ପାଠ୍ୟକ୍ରମ, ଯୋଗଶିକ୍ଷା, ବୃତ୍ତିଗତ ଶିକ୍ଷା ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଥିଲା।

## ସୂର୍ଯ୍ୟବଂଶୀ ସୂରଜ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନର ଉଦ୍‌ଯାପନୀ ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ ରଖିବା ପାଇଁ ପରାମର୍ଶ ଦେଇଥିଲେ।  ଭଣ୍ଡାରି ପୋଖରି ସାହିତ୍ୟ ସଂସଦର ଉତ୍ତରୋତ୍ତର କାମନା କରିବା ସହିତ ରାଜ୍ୟର ଏକ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ଭାବେ ମର୍ଯ୍ୟାଦା ପାଇଥିବାରୁ ଶ୍ରୀ ସୂରଜ ଖୁସି ବ୍ୟକ୍ତ କରିଥିଲେ।

## ଖଡିଆଳ ମହୋତ୍ସବ

**ନୂଆପଡା** ଜିଲ୍ଲାରେ ଖଡିଆଳ ମହୋତ୍ସବ-୨୦୨୬ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ସଫେଇ କାର୍ଯ୍ୟରେ ସାମିଲ ହେବା ସହ ମହୋତ୍ସବ ପାଳନ କମିଟିର ମିଳିତ ଉଦ୍ୟମକୁ ପ୍ରଶଂସା କରିଥିଲେ।

## ବାର୍ଷିକ ଉତ୍ସବ

**ମାଲକାନ୍‌ଗିରି** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ କାର୍ଯ୍ୟ ଓ ସେମାନଙ୍କ ଦ୍ୱାରା ଡ୍ରୋନ୍ ଚାଳନା ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଏବଂ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର** ଜିଲ୍ଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ କୁଶଙ୍ଗଠାରେ ବିଧାୟକ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଦ୍‌ଘାଟନ

କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ଲୋଇସିଂହା ନିର୍ବାଚନମଣ୍ଡଳୀରେ ଏହି କପ୍‌ର ଆୟୋଜନ କରାଯାଉଛି। ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ସମାଜ ଦ୍ୱାରା ବିକଶିତ ରାଷ୍ଟ୍ର ଗଠନ ସମ୍ଭବ। ସୁସ୍ଥ ସମାଜ ଗଠନ ନିମନ୍ତେ ଯୁବଗୋଷ୍ଠିଙ୍କୁ କ୍ରୀଡାପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ବିଧାୟକ କପ୍ ସ୍ଥାନୀୟ ଅଂଚଳର ଯୁବବର୍ଗଙ୍କୁ କ୍ରୀଡା ପ୍ରତି ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ଥିବା ଲୁକ୍‌କାୟିତ ପ୍ରତିଭାକୁ ଉଜାଗର କରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତାରେ ୨୬ଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଚାଲିବ।

## ଅବକାରୀ କ୍ରୀଡା ସମାରୋହ

**କଟକ** ସତ୍ୟବ୍ରତ ଷ୍ଟାଡିୟମ୍‌ରେ ଚାଲିଥିବା ୫୧ତମ ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବିଭାଗର ଆୟୁକ୍ତ ତଥା ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ଭାରତୀୟ ମହିଳା ୨୦ ବର୍ଷରୁ କମ୍ ଜାତୀୟ ଫୁଟବଲ୍ ଦଳର ସହାୟକ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି କ୍ରୀଡା ଉତ୍ସବରେ ରାଜ୍ୟର ସମସ୍ତ ୩୩ଟି ଅବକାରୀ ଜିଲ୍ଲାର କର୍ମଚାରୀ ଓ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।